# Happenings

## Top IT Companies picks 255 NIST students



The final year B.Tech and MCA students of National Institute of Science & Technology have surged ahead with 255 job offers on the opening three days of the Placement season despite choppy economic conditions. During the campus selection 135 candidates got recruited by Infosys, Wipro hired 96 and Cap Gemini has recruited 24 students from NIST campus. The average salary offered by these companies was about 4 lacs per annum. The Placement Director of the Institute Prof. Geetika Mudali congratulated the students who bagged the job and stated that in the last 17 years, NIST has invited many leading Indian and foreign companies to its campus. Last year about 25 companies ranging from IT to core sector visited NIST campus to recruit students. Prof Atanu Dutta and Prof. Sudhir Panigrahi coordinated the entire placement activities of the campus.

# ନିଷ୍ଟର ୨୫୫ ଜଣଙ୍କୁ ବହୁଜାତୀୟ କମ୍ପାନିରେ ନିଯୁକ୍ତି



ବ୍ରହ୍ମପୁର, ୧।୧୦ (ବ୍ୟୁରୋ): ନେସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଣ୍ଡ ଟେକ୍ନୋଲୋଜୀ (ନିଷ୍ଟ) ପରିସରରେ ଗତ ତିନି ଧରି ଆୟୋଜିତ ନିଯୁକ୍ତି ମେଳାରେ ୨୦୧୦-୨୦୧୪ ବ୍ୟାଚ୍‌ର ବି-ଟେକ୍ ଓ ଏମ୍‌ସିଏ ପାଠ୍ୟକ୍ରମ ଶେଷ କରିଥିବା ୨୫୫ ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିଛି। ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ବିଖ୍ୟାତ ତିନୋଟି ବହୁଜାତୀୟ କମ୍ପାନୀ ଯୋଗ ଦେଇ କ୍ୟାମ୍ପସ୍ ରିକ୍ରୁଟ୍‌ମେଣ୍ଟ କରିଥିଲେ। ଇନ୍‌ଫୋସିସ୍ କମ୍ପାନୀ ସର୍ବାଧିକ ୧୩୫ ଜଣଙ୍କୁ ନିଯୁକ୍ତି ଦେଇଥିବା ବେଳେ ୱିପ୍ରୋ ୯୬ ଜଣଙ୍କୁ ଓ କ୍ୟାପ୍ ଜେମିନି ୨୪ ଜଣଙ୍କୁ ନିଯୁକ୍ତି ଦେଇଛି। ଏହି କମ୍ପାନୀମାନେ ବାର୍ଷିକ ହାରାହାରି ୪ ଲକ୍ଷ ଟଙ୍କା ଦରମା ଦେଇଥିବା ଜଣାପଡ଼ିଛି। ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ପ୍ଲେସ୍‌ମେଣ୍ଟ ଡାଇରେକ୍ଟର ଗିତୀକା ମୁଦାଲି ଅଭିନନ୍ଦନ ଜ୍ଞାପନ କରି କହିଥିଲେ ଯେ ୧୭ ବର୍ଷର ମଧ୍ୟରେ ବହୁ ଭାରତୀୟ ଓ ବିଦେଶୀ କମ୍ପାନୀମାନଙ୍କୁ ଡକାଇ ନିଷ୍ଟ ଓଡ଼ିଶା ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଗତ ବର୍ଷ ଆଇଟି କମ୍ପାନୀଠାରୁ ଆରମ୍ଭ କରି କୋର୍ ସେକ୍ଟର ପର୍ଯ୍ୟନ୍ତ ପ୍ରାୟ ୨୫ଟି କମ୍ପାନୀ ନିଷ୍ଟ କ୍ୟାମ୍ପସକୁ ଆସି ନିଯୁକ୍ତି ଦେଇଥିଲେ। ପ୍ରଫେସର ଅତନୁ ଦତ୍ତ ଓ ପ୍ରଫେସର ସୁଧୀର ପାଣିଗ୍ରାହି ନିଯୁକ୍ତି ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ପ୍ରଶାସନିକ ଅଧିକାରୀ କେ. ପରମେଶ୍ୱର ରାଓ ସହଯୋଗ କରିଥିଲେ।

THE PRAMEYA

DT- 2-10-2013

SAMBAD - 2-10-13

## ନିଷ୍ଟ୍ ଛାତ୍ରଛାତ୍ରୀଙ୍କ ଅପୂର୍ବ ସଫଳତା

# ୨୫୫ ଜଣଙ୍କୁ ଜବ୍ ଅଫର୍

ବ୍ରହ୍ମପୁର,୧।୧୦(ଇମିସ): ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପାଠ୍ୟକ୍ରମ କ୍ଷେତ୍ରରେ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲଜି (ନିଷ୍ଟ) ଛାତ୍ରଛାତ୍ରୀ ପୁଣି ସଫଳତା ହାତେଇଛନ୍ତି। ୨୦୧୦-୧୪ ଶିକ୍ଷାବର୍ଷ ବି.ଟେକ୍ ଏବଂ ଏମସିଏ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଗତ ମାସ ୨୮ରୁ ଅକ୍ଟୋବର ୧ତାରିଖ ପର୍ଯ୍ୟନ୍ତ ଦେଶର ତିନିଟି ବିଶିଷ୍ଟ ମଲଟିନ୍ୟାସନାଲ୍ କଂପାନି ଇନଫୋସିସ୍, ଓ୍ୱିପ୍ରୋ ଓ କ୍ୟାପେଗେମିନି କଂପାନି ପକ୍ଷରୁ କ୍ୟାମ୍ପସ୍ ରିକ୍ରୁଟମେଣ୍ଟ ଆୟୋଜନ ହୋଇଥିଲା। ଏଥିରେ ଉଭୟ ବିଭାଗର ମୋଟ ୨୫୫ ଜଣ ଛାତ୍ରଛାତ୍ରୀ ଜବ୍ ଅଫର୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଇନଫୋସିସ୍ କଂପାନିରେ ୧୩୫, ଓ୍ୱିପ୍ରୋ କଂପାନିରେ ୯୬ ଏବଂ କ୍ୟାପେଗେମିନି କଂପାନିରେ ମୋଟ ୨୪ଜଣ ଛାତ୍ରଛାତ୍ରୀ ଜବ୍ ଅଫର୍ ହାତେଇବାରେ ସଫଳ ହୋଇଛନ୍ତି। ବାର୍ଷିକ ଚାରିଲକ୍ଷ ଟଙ୍କାର ଦରମା ପ୍ୟାକେଜ୍ ଘୋଷିତ ହୋଇଛି। ଗତ ୧୭ ବର୍ଷ ମଧ୍ୟରେ ଏହା ଅନୁଷ୍ଠାନ ପାଇଁ ସବୁଠାରୁ ବଡ଼ ସଫଳତା ଏବଂ ଏଥିପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ସମ୍ବର୍ଧନା ଜ୍ଞାପନ କରୁଛି ବୋଲି ପ୍ଲେସମେଣ୍ଟ୍ ଡିରେକ୍ଟର୍ ପ୍ରଫେସର୍ ଗୀତିକା ମୁଦୁଲି ସୂଚନା ଦେଇଛନ୍ତି। ଗତ ବର୍ଷ ୨୫ଟି କଂପାନିରେ ଛାତ୍ରଛାତ୍ରୀଙ୍କୁ ଜବ୍ ଅଫର ମିଳିଥିଲା। ପ୍ରଫେସର୍ ଅତନୁ ଦତ୍ତ ଏବଂ ପ୍ରଫେସର୍ ସୁଧୀର ପାଣିଗ୍ରାହୀ ପ୍ଲେସମେଣ୍ଟ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ବ୍ରହ୍ମପୁର, ଗୁରୁବାର ୩ ଅକ୍ଟୋବର ୨୦୧୩

# ନିଷ୍ଟର ୨୫୫ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ

ବ୍ରହ୍ମପୁର ଅଫିସ, ୨।୧୦-ପାଲୁର ବଙ୍ଗଳାସ୍ଥିତ ନେସନାଲ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଣ୍ଡ୍ ଟେକ୍ନୋଲୋଜି (ନିଷ୍ଟ)ର ୨୦୧୦-୧୪ର ଶେଷ ବର୍ଷର ମୋଟ ୨୫୫ଜଣ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ ଚୟନରେ ନିଯୁକ୍ତି ସୁଯୋଗ ମିଳିଛି । ଇନଫୋସିସ ଲିମିଟେଡ୍ ସବୁଠାରୁ ଅଧିକ ୧୩୫ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିବା ବେଳେ ଓ୍ୱିପ୍ରୋ ୯୬ ଜଣ ଓ କେପ୍ ଜେମିନି କମ୍ପାନୀ ୨୪ ଜଣ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ଦେଇଛି । ଛାତ୍ରୀଛାତ୍ରମାନଙ୍କୁ କମ୍ପାନୀ ପକ୍ଷରୁ ବାର୍ଷିକ ୪ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି । ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରୀଛାତ୍ରମାନଙ୍କୁ କଲେଜର ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା ।



ଅଧ୍ୟାପିକା ଅଧ୍ୟାପକଙ୍କ ସହ ନିଷ୍ଟର ଛାତ୍ରୀଛାତ୍ର ।